ପଦ୍ୟ

# ମାନଗୋବିନ୍ଦଙ୍କ ମହାନତା

● ସାରଳା ଦାସ

(ପଞ୍ଚଦଶ ଶତାବ୍ଦୀ)

**କବି ପରିଚୟ :**

*ଓଡ଼ିଆ ଭାଷାରେ ସାହିତ୍ୟ ରଚନା କରିଥିବା ସ୍ରଷ୍ଟାମାନଙ୍କ ମଧ୍ୟରେ ଶୂଦ୍ରମୁନି ସାରଳା ଦାସ ଆଦିକବି ରୂପେ ପରିଚିତ । ସଂସ୍କୃତ ଭାଷାରେ ବ୍ୟାସଦେବ ମହାଭାରତ ଲେଖିବାଭଳି ଓଡ଼ିଆଭାଷାରେ ସାରଳା ଦାସ ମହାଭାରତ ଲେଖିଥିବାରୁ ତାଙ୍କୁ କେହି କେହି ଉତ୍କଳ-ବ୍ୟାସ ରୂପେ ସମ୍ବୋଧନ କରିଥାନ୍ତି । ଅଧିକନ୍ତୁ ତାଙ୍କ ଲେଖାରେ ଓଡ଼ିଶାର ମାଟି, ପାଣି, ପବନ, ପ୍ରକୃତି ଓ ମଣିଷ ଜୀବନର ବାସ୍ତବ ଗାଥା କଳାତ୍ମକଭାବେ ପରିବେଷିତ ହୋଇଥିବାରୁ ତାଙ୍କୁ 'ମାଟିର ମହାକବି' ମଧ୍ୟ କୁହାଯାଏ । ସେ ସୂର୍ଯ୍ୟବଂଶୀ ରାଜା କପିଳେନ୍ଦ୍ରଦେବଙ୍କ ସମକାଳ ଅର୍ଥାତ୍ ପଞ୍ଚଦଶ ଶତାବ୍ଦୀରେ ଜଗତ୍‌ସିଂହପୁର ଜିଲ୍ଲାର ଝଙ୍କଡ଼ ଠାରେ ଜନ୍ମଗ୍ରହଣ କରିଥିଲେ । ସାରଳା ଠାକୁରାଣୀଙ୍କୁ ସେବାକରି ସେ କାବ୍ୟ ରଚନା ପାଇଁ ଶକ୍ତି ପାଇଥିବାରୁ ନିଜକୁ ସାରଳା ଦାସ ରୂପେ ପରିଚୟ କରାଇଅଛନ୍ତି । ବାସ୍ତବରେ ତାଙ୍କ ନାମ ସିଦ୍ଧେଶ୍ୱର ପରିଡ଼ା ଥିବା କୁହାଯାଏ । ସେ ମହାଭାରତ, ଚଣ୍ଡୀପୁରାଣ, ବିଚିତ୍ର ରାମାୟଣ ଭଳି ପୁରାଣ ରଚନା କରି ଯାଇଛନ୍ତି ।*

*ବିରୋଧୀ ପାଣ୍ଡବଙ୍କ ପାଞ୍ଚ ଶିଶୁପୁତ୍ରଙ୍କ ନିଧନରେ ମହାମାନୀ ଦୁର୍ଯ୍ୟୋଧନଙ୍କ ମନର ବ୍ୟାକୁଳତା, ପିତୃସୁଲଭ ହୃଦୟର ପରିଚୟ ଓ ବିଳାପ, ବଂଶରକ୍ଷା ନିମନ୍ତେ ଆକୁଳତା, ନିଷ୍ପାପ ଶିଶୁମାନଙ୍କ ମୃତ୍ୟୁ ପାଇଁ ଗୁରୁପୁତ୍ର ଅଶ୍ୱତ୍‌ଥାମାଙ୍କୁ ତିରସ୍କାର ପ୍ରଭୃତି ଦୁର୍ଯ୍ୟୋଧନଙ୍କ ଚାରିତ୍ରିକ ମହାନତା ପ୍ରତିପାଦିତ । ଏହି ପଠ୍ୟାଂଶଟି 'କାଇଁଶିକା ପର୍ବ' ରୁ ଗୃହୀତ ।*

---

ଦୃଦକ୍ଷ ବୋଇଲା ସ୍ୱାମୀ ଶୁଣିମା ଦଣ୍ଡଧାରୀ
ଅଶସ୍ତମା ପାଣ୍ଡବଂକ ମୁଣ୍ଡଛେଦି ଆଣଇ ଭାର କରି ।
ନୟନ ଫେଡ଼ି ରାଜା ଚାହିଂଲା ମାନଗୋବିନ୍ଦ
ପାଣ୍ଡବନ୍ତ ପ୍ରାୟେ ବୁଝି ମନେଣ ସାନନ୍ଦ ।
ସାଧୁ ସାଧୁ ଅଶସ୍ତମା ବୋଲି ମାନଗୋବିନ୍ଦ ପ୍ରଶଂସି
ତୋତେ ସେନାପତି ନ କରି ଅଗାଦ ସମୋଦ୍ରେ ଗଲି ଭାସି ।
ହରାଇ କରି ପଛେ ଶିଖିଲି ମୁଂ ବୁଦ୍ଧି
ପାଦେଣ ଟାଳିଲି ମୁଂ ଯେଡ଼େକ ସଂପ୍ରଧି ।

ବାଳୁତ କାଳହୁଂ ଯାହାକୁ ପାଇଲଇଂ ସାଖି
ଚିହ୍ନି ନୁଆରିଲି ମୁଂ ତାକୁ ହୋଇଲି ନିରିମାଖି ।
ଅନେକ ଉତସଲ୍ୟ ଦେଖିଣ ଧୃତିରାଷ୍ଟି
ଛାମୁରେ ନେଇ ପକାଇଲା ପାଞ୍ଚଂକରି ମୁଣ୍ଡଗୋଟି ।
ବୋଲଇ ଅଶସ୍ତମା ଶୁଣ ହୋ ଦ୍ରିଯୋଧନ
ପିତାର ଶତ୍ରୁ ଯେଟି ଧୃଷ୍ଟ ଯେ ଦ୍ୟୁମନ ।
ଦେଖିଣ ସାନନ୍ଦ ହୋଇଲେ ଦ୍ରିଯୋଧନ ରାୟେ
ବୋଇଲେ ବେଗେ ଦଣ୍ଡଛତ୍ର ଧର ତୁ ରାଜାୟେ ।
ଦେଖିଣ ବୋଇଲା ଚିହ୍ନି ଯେ କୁମାର ଦୃଦକ୍ଷ
ପାଣ୍ଡବେ ନୋହନ୍ତି ୟେ ଦ୍ରୋପତୀ ପାଞ୍ଚବସ୍ର ।
ରଜନୀ ପ୍ରଭାତରେ ଦେଖିଲା ଧୃତିରାଷ୍ଟି
ପାଞ୍ଚାଳୀ କୁମରଂକର ଶିର ପାଞ୍ଚଗୋଟି ।
ମୃଛାଗତ ହୋଇଲା ଦେଖି ମାନଗୋବିନ୍ଦ
ହା ହା ଦଇବ ବୋଲି କପୋଳେ କରଧ୍ୱନ୍ଦ ।
ଆହୋ ଅଶସ୍ତମା ଆଦିହୁଂ ଅଟୁ ନଷ୍ଟ
ତୋହୋର ପ୍ରକୃତି ଜାଣି ମୁଂ ନ ବାନ୍ଧିଲି ମୁକୁଟ ।
ସମର ଶେଷକାଳେ ମୋତେ ଯେ କଲୁ ୟେହା
ବାଳୁତ ବଧ ଦୋଷେ କଲୁ ରେ ପାମର ଦୋରେହା ।
ଅଭିମନ୍ୟୁ ମଲା ଘଟଉକ୍ରଚ ନାଶଗଲା
ଲକ୍ଷ୍ମଣକୁମାରହିଂ ପଡ଼ିଲା ବଂଶହିଂ ସରିଲା ।
ୟେହାନ୍ତ ରଖିଲି ମୁଂ ବଂଶରକ୍ଷାର ନିମନ୍ତେ
ଗତ ଆଗତ ବୁଡ଼ିଲା ୟେ ତୋହୋର କୃତ୍ୟେ ।
ଭୋ ଦଇବ ସନ୍ତାନ କଳପତରୁଂ ଯେ ବୋଲ ବୋଲି
ଅଶସ୍ତମା ପ୍ରସନ୍ନେ ଗତ ଆଗତ ଦୁଇକୁଳ ବୁଡ଼ାଇଲି ।
ତୋହୋର ମୁଖ ପୁଣ ମୁଂ ନ ଚାହିଂ ରେ ଦୋରେହା
ବଂଶ ନିଅଂଶ କଲୁରେ ମୋହୋର ମୁଖ ତୁ ନ ଚାହାଂ ।
ପଞ୍ଚୁଭୂତ ଆତ୍ମା କିମ୍ପେ ଅଛି ହୋ ନିର୍ଲଜ
ୟେ ପଞ୍ଚୁ ପୁଅଂକ ଅବସ୍ଥା ଦେଖି କିମ୍ପେ ନୁହଇ ଦହିଜ ।
ପାଞ୍ଚଂକରି ମୁଣ୍ଡ ଦିଅ ମୋହୋରି କୋଳାଗ୍ରତେ
କୋଳ କରି ଧରି ମୁଂ ହୋଇବି କିନା ମୁକତେ ।
ଦ୍ରିଯୋଧନ ବାକ୍ୟ ଶୁଣି ଦୃଦକ୍ଷ ସତ୍ୱର
ରାଜା କୋଳେ ଦିଲା ନେଇ ପଞ୍ଚବଚ୍ଛ ଶିର ।
ପାଞ୍ଚଂକରି ମୁଣ୍ଡ କୋଳେ ଦେଖିଣ ଧୃତିରାଷ୍ଟି
ପ୍ରାଣ ବିସର୍ଜିଲା ମୃଧୁନା ଗଲା ଫାଟି ।

**ସୂଚନା :**

ଦୃଦକ୍ଷ – ଗାନ୍ଧାରୀ ଶହେ ପୁଅ ଜନ୍ମ କଲାପରେ ଏକଦା ଯମୁନା ନଦୀ କୂଳରେ ଦୁର୍ବାସାଙ୍କୁ ଭେଟିଲେ । ଗାନ୍ଧାର ବଂଶକୁ କାରଣ ହେବାପାଇଁ ଗୋଟିଏ ପୁଅ ଓ ଝିଅ ପ୍ରାର୍ଥନା କଲେ ଋଷିଙ୍କୁ । ଫଳତଃ 'ଦୃଦକ୍ଷ ଦୃଶିଳା' ଉତପତ୍ତି ହୋଇଲେକ ବେନି' । ଯେମନ୍ତ ଧୃତରାଷ୍ଟର ଯେକ ଉତ୍ତର ଶତେପୁତ୍ର ।' (ଆଦିପର୍ବ - ପୃ- ୨୪୬, ସଂପାଦନା- ଆର୍ତ୍ତବଲ୍ଲଭ ମହାନ୍ତି) ସାରଳା ଦାସଙ୍କ ମହାଭାରତରେ ଧୃତରାଷ୍ଟ୍ରଙ୍କର ଏକଶହ ଏକ ପୁତ୍ର ଓ ଗୋଟିଏ କନ୍ୟା । ଏ ସମସ୍ତଙ୍କ ନାଁ 'ଦୁ' ବର୍ଣ୍ଣ ଆରମ୍ଭ ନିୟମରେ କରାଯାଇଛି ।

| | |
|---|---|
| ମାନଗୋବିନ୍ଦ | – ଦୁର୍ଯ୍ୟୋଧନ |
| ଦଣ୍ଡଧାରୀ | – ରାଜା (ଦୁର୍ଯ୍ୟୋଧନ) |
| ଅଶସ୍ତମା | – ଗୁରୁଦ୍ରୋଣଙ୍କ ପୁତ୍ର (ଅଶ୍ୱତ୍‌ଥାମା) |
| ପାଣ୍ଡବନ୍ତ | – ପାଣ୍ଡବମାନଙ୍କ |
| ସାନନ୍ଦ | – ଆନନ୍ଦର ସହିତ |
| ଭାରକରି | – ବହନକରି |
| ଫେଡ଼ି | – ଖୋଲି |
| ପ୍ରଶଂସି | – ପ୍ରଶଂସାକରି |
| ସମୋଦ୍ରେ | – ସମୁଦ୍ରରେ |
| ଅଗାଦ | – ଅଗାଧ |
| ଯେଡ଼େକ | – ଏତେବଡ଼ |
| ସଂପ୍ରଧି | – ସମୃଦ୍ଧି, ସମ୍ପତ୍ତି |
| ଚିହ୍ନି ନୁଆରିଲି | – ଚିହ୍ନି ନ ପାରିଲି |
| ନିରିମାଖି | – ଅସହାୟ |
| ଉତସଲ୍ୟ | – ଉଲ୍ଲାସ |
| ଧୃତିରାଷ୍ଟି | – ଧୃତରାଷ୍ଟ୍ରଙ୍କ ପୁତ୍ର (ଦୁର୍ଯ୍ୟୋଧନ) |
| ଛାମୁରେ | – ସମ୍ମୁଖରେ |
| ଦ୍ରିଯୋଧନ | – ଦୁର୍ଯ୍ୟୋଧନ |
| ଯେଟି | – ଏହି |
| ଧୃଷ୍ଟ ଯେ ଦ୍ୟୁମନ | – ଧୃଷ୍ଟଦ୍ୟୁମ୍ନ (ଦ୍ରୁପଦଙ୍କ ପୁତ୍ର) |
| ରାୟେ | – ରାଜା |
| ଦଣ୍ଡ ଛତ୍ର | – ଶାସନ ଭାର |
| ଦ୍ରୋପତୀ | – ଦ୍ରୌପଦୀ |
| ପାଞ୍ଚ ବସ୍ତ | – ପାଞ୍ଚପୁତ୍ର |
| ପାଞ୍ଚାଳୀ | – ପାଞ୍ଚାଳ ରାଜକନ୍ୟା (ଦ୍ରୌପଦୀ) |
| କରଧ୍ୱନ୍ଦ | – କରଦ୍ୱୟ |
| ଆଦିହୁଂ | – ପ୍ରଥମରୁ |
| ପାମର | – ପାପୀ |
| ଦୋରେହା | – ଦ୍ରୋହୀ |
| ଅଭିମନ୍ୟୁ | – ଅର୍ଜୁନଙ୍କ ପୁତ୍ର |
| ଘଟଉକ୍ଚ | – ଘଟୋତ୍କଚ (ଭୀମଙ୍କ ପୁତ୍ର) |
| ଲକ୍ଷ୍ମଣକୁମାର | – ଦୁର୍ଯ୍ୟୋଧନଙ୍କ ପୁତ୍ର |
| ଯେହାନ୍ତ | – ଏମାନଙ୍କୁ |
| କଳପତରୁ | – କଳ୍ପବୃକ୍ଷ |
| ନିଅଂଶ | – ଉତରାଧିକାରୀ ଶୂନ୍ୟ |
| ପଞ୍ଚଭୂତ | – ପୃଥିବୀ, ଆକାଶ, ବାୟୁ, ଜଳ, ଅଗ୍ନି |
| ଦହିଜ | – ପୋଡ଼ିଯିବା |
| ମୃଧୁନା | – ମୂର୍ଦ୍ଧନା ( ମୁଣ୍ଡ) |

# ପ୍ରଶ୍ନାବଳୀ

**ନିର୍ଦ୍ଦିଷ୍ଟ ଉତ୍ତରମୂଳକ :**

୧. ଏକପଦରେ ପ୍ରକାଶ କର ।

ରାବଣଙ୍କ ପୁତ୍ର –

ପବନର ପୁତ୍ର –

ବିନତାଙ୍କ ପୁତ୍ର –

ଦଶରଥଙ୍କ ପୁତ୍ର –

ସୁମିତ୍ରାଙ୍କ ପୁତ୍ର –

କୁନ୍ତୀଙ୍କ ପୁତ୍ର –

୨. ନିମ୍ନଲିଖିତ ଶବ୍ଦଗୁଡ଼ିକର ଦୁଇଟି ଲେଖାଏଁ ପ୍ରତିଶବ୍ଦ ଲେଖ ।

ଶିର, ରଜନୀ, ପ୍ରଭାତ, ଶତ୍ରୁ, ସମର

୩. ବ୍ୟାସବାକ୍ୟ ସହ ସମାସର ନାମ ଲେଖ ।

ନିର୍ଲଜ୍ଜ, ଦଣ୍ଡଧାରୀ, ସାନନ୍ଦ

୪. ପଠିତ କବିତା ଅବଲମ୍ବନରେ ଶୂନ୍ୟସ୍ଥାନ ପୂରଣ କର ।

(କ) ପାଦେଣ ଟାଳିଲି ମୁଁ ଯେଡ଼େକ ____________ ।

(ଖ) ପାଣ୍ଡବେ ନୋହନ୍ତି ଯେ ଦ୍ରୋପଦୀ ____________ ।

(ଗ) ଅଭିମନ୍ୟୁ ମଲା ____________ ନାଶଗଲା ।

(ଘ) ____________ ବିସର୍ଜିଲା ମୃଧୁନା ଗଲା ଫାଟି ।

**କ୍ଷୁଦ୍ର ଉତ୍ତରମୂଳକ :**

୫. ମାନଗୋବିନ୍ଦ କିଏ ?

୬. ଦୃଦକ୍ଷ ମାନଗୋବିନ୍ଦଙ୍କୁ କି ବାର୍ତ୍ତା ଦେଇଥିଲେ ?

୭. ଦୁର୍ଯ୍ୟୋଧନ ଅତ୍ୟନ୍ତ ଖୁସି ହେଲେ କାହିଁକି ?

୮. ମାନଗୋବିନ୍ଦ ଅଶସ୍ତମାଙ୍କୁ ପ୍ରଶଂସା କରିଥିବା ପାଦ ଦୁଇଟି କବିତାରୁ ବାଛି ଲେଖ ।

୯. ଧୃଷ୍ଟଦ୍ୟୁମ୍ନ କିଏ ? ସେ କାହାର ଶତ୍ରୁ ଥିଲେ ?

୧୦. ଅଶସ୍ତମା ଭାର ଦେଖି ଦୃଦକ୍ଷ କ'ଣ କହିଲେ ?

୧୧. ଘଟୋତ୍କଚଙ୍କ ପିତାଙ୍କ ନାମ କ'ଣ ?

୧୨. ପଞ୍ଚଭୂତ କାହାକୁ କହନ୍ତି ?

୧୩. ମାନଗୋବିନ୍ଦ କାହିଁକି ଅଧୈର୍ଯ୍ୟ ହୋଇ ପଡ଼ିଲେ ?

୧୪. ଦୁର୍ଯ୍ୟୋଧନ କିପରି ପ୍ରାଣ ବିସର୍ଜ୍ଜନ କଲେ ?

୧୫. ପଠିତ କବିତାଟି ସାରଳା ମହାଭାରତର କେଉଁ ପର୍ବରୁ ଆସିଛି ?

## ସପ୍ରସଙ୍ଗ ସରଳାର୍ଥ :

୧୬. ହରାଇ କରି ପଛେ ଶିଖିଲି ମୁଂ ବୁଦ୍ଧି
ପାଦେଣ ଟାଳିଲି ମୁଂ ଯେତେକ ସଂପ୍ରଧି ।

୧୭. ଯେହାନ୍ତ ରଖିଲି ମୁଂ ବଂଶରକ୍ଷାର ନିମନ୍ତେ
ଗତ ଆଗତ ବୁଡ଼ିଲା ଯେ ତୋହୋର କୃତ୍ୟେ ।

୧୮. ପାଞ୍ଚଂକରି ମୁଣ୍ଡକୋଳେ ଦେଖିଣ ଧୃତିରାଷ୍ଟି
ପ୍ରାଣ ବିସର୍ଜ୍ଜିଲା ମୃଧୁନା ଗଲା ଫାଟି ।

## ଦୀର୍ଘ ଉତ୍ତରମୂଳକ :

୧୯. ପଠିତ କବିତା ଅନୁସରଣରେ ମାନଗୋବିନ୍ଦଙ୍କ ମହାନତା ପ୍ରତିପାଦନ କର ।

୨୦. ଦୁର୍ଯ୍ୟୋଧନ ଗୁରୁପୁତ୍ର ଅଶସ୍ତମାଙ୍କୁ ଭର୍ତ୍ସନା କରିବାର କାରଣ ଆଲୋଚନା କର ।

## ତୁମ ପାଇଁ କାମ :

୨୧. ସାରଳା ଦାସଙ୍କ ଅନ୍ୟାନ୍ୟ କୃତି ସମ୍ପର୍କରେ ଲେଖି ଶିକ୍ଷକଙ୍କୁ ଦେଖାଅ ।

୨୨. ମହାଭାରତର ଅଠରଟି ପର୍ବର ନାମ ସଂଗ୍ରହ କର ।

୨୩. ଦୁର୍ଯ୍ୟୋଧନଙ୍କ ପ୍ରତି ତୁମ ମନରେ ଥିବା ଧାରଣା କବିତା ପଢ଼ିବା ପରେ କିପରି ପରିବର୍ତ୍ତନ ହୋଇଛି ତାହା ଲେଖ ।

◆